# ମକର ପର୍ବ ପାଇଁ କଟକ ଜିଲ୍ଲା ଉତ୍ସବ ମୁଖର

## ମା' ବଡ଼ବନ୍ଧିଆଣୀଙ୍କ ପୀଠରେ ପ୍ରସିଦ୍ଧ ମକର ମେଳା

ଟିଗିରିଆ,୧୪।୧(ସମିସ):

ଟିଗିରିଆ ଓ ବାଙ୍କୀ ବ୍ଲକର ମଧ୍ୟସ୍ଥଳରେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ବଡ଼ବନ୍ଧିଆଣୀଙ୍କ ପୀଠରେ ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ମକର ମେଳା ଆରମ୍ଭ ହୋଇଛି। ଭାଇଚାରାର ଏହି ଅନନ୍ୟ ଯାତ୍ରାରେ ଟିଗିରିଆ, ବାଙ୍କୀ ଓ ଆଠଗଡ଼ ବ୍ଲକର ୮ଟି ପଞ୍ଚାୟତ ଯଥା ସୋମପଡ଼ା, ପାଞ୍ଚଗାଁ, ବଡ଼ନାଉପୁଟ, ରତାଗଡ଼, କନ୍ତପହଁରା, ବଡ଼ଭୁଇଁ, ବନ୍ଦାଳ ଓ ସୁବର୍ଣ୍ଣପୁରବାସୀଙ୍କ ମିଳିତ ସହଯୋଗରେ ତିନି ଦିନ ଧରି ଏହି ଉତ୍ସବ ପାଳନ କରାଯାଉଛି। ଗୁରୁବାର ଦିନ ଯଜ୍ଞର ପୂର୍ଣ୍ଣାହୁତି ସହ ଏହି ଯାତ୍ରା ଉଦଯାପିତ ହେବ। ଗତକାଲି ପାରମ୍ପରିକ ଅଙ୍କୁରାରୋପଣ ନୀତି ସମ୍ପନ୍ନ ହେବା ପରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ରତାଗଡ଼ ଗ୍ରାମ ନିକଟସ୍ଥ ମହାନଦୀରୁ ଜଳ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଆଜି ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ପୂଜା, ଗୋ-ପୂଜା, ଧରିତ୍ରୀ ପୂଜା, ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀ ପାଠ ଓ ଯଜ୍ଞ ଭଳି ଶାସ୍ତ୍ରୀୟ ବିଧି ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନିରୋଦ ଦାଶଶର୍ମା ଓ



ସୁଧାକର ଦାଶଶର୍ମାଙ୍କ ପୌରୋହିତ୍ୟରେ ୧୦୮ ଆହୁତି ସହ ମା'ଙ୍କ ଆରାଧନା କରାଯାଇଥିଲା। ବିଶେଷ କରି ସନ୍ତାନ ପ୍ରାପ୍ତି ପାଇଁ ମାନସିକ କରିଥିବା ଶ୍ରଦ୍ଧାଳୁମାନେ ନିଜ ନବଜାତ ଶିଶୁର ମୁଣ୍ଡନ କରାଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ମେଳାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ଅଭୟ ବାରିକ ଓ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଟିଗିରିଆ ତହସିଲଦାର ତଥା ଯାତ୍ରା କମିଟି ସଭାପତି ଅକ୍ଷୟ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ମୁତୟନ ହେବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ସହାୟତା ଯୋଗାଇ ଦିଆଯାଇଥିଲା। ସନ୍ଧ୍ୟାରେ ଯାତ୍ରା କମିଟି ପକ୍ଷରୁ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରାଯାଇଥିଲା।

# ବାବା ସିଂହନାଥଙ୍କ ପୀଠରେ ବାଲି ମକର ମେଳା

ବଡ଼ମ୍ବା,୧୪।୧(ସମିସ): କଟକ ଜିଲ୍ଲା ବଡ଼ମ୍ବା ଅଞ୍ଚଳର ବାବା ସିଂହନାଥଙ୍କ ପ୍ରସିଦ୍ଧ ବାଲି ମକର ମେଳା ଆଜିଠାରୁ ପଥୁରିଆ ପାହାଡ଼ର ପାଦଦେଶରେ ଆରମ୍ଭ ହୋଇଛି। ପ୍ରଭୁ ଲକ୍ଷ୍ମଣଙ୍କ ଦ୍ୱାରା ସ୍ଥାପିତ ଏହି ପୁରାତନ ଶକ୍ତିପୀଠରେ ଆଜି ଭୋର



୪ଟାରେ ବାବାଙ୍କ ପହଡ଼ ଖୋଲିବା ସହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସକାଳ ୬ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ 'ଟି-ସେତୁ' ଦେଇ ବ୍ୟାରିକେଡ୍ ମାଧ୍ୟମରେ ଶୃଙ୍ଖଳିତ ଭାବେ ବାବାଙ୍କୁ ଦର୍ଶନ କରିଥିଲେ। ମଧ୍ୟାହ୍ନ ପରେ ପୀଠରେ ଭକ୍ତଙ୍କ ଭିଡ଼ ଅସମ୍ଭାଳ ହୋଇଥିଲା। ଗତ ଦୁଇ ବର୍ଷର ଅଘଟଣକୁ ଦୃଷ୍ଟିରେ ରଖି କଟକ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ଟି-ସେତୁ ଏବଂ ଅସ୍ଥାୟୀ ପାଦଚଲା ରାସ୍ତାରେ ସାଇକଲ କିମ୍ବା ଦୁଇଚକିଆ ଯାନ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଏପରିକି ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ପାସ୍‌କୁ ମଧ୍ୟ ଅନୁମତି ମିଳି ନ ଥିବାରୁ ସାମ୍ବାଦିକ, ବରିଷ୍ଠ ନାଗରିକ ଓ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା। ଯାନବାହନ ଚଳାଚଳ ବନ୍ଦ ହେତୁ ଚଳିତ ବର୍ଷ ମେଳାରେ ବିଶେଷ ଷ୍ଟଲ୍ ଦେଖିବାକୁ ମିଳିନାହିଁ। ରାଜ୍ୟ ରାଜକୋଷରୁ ପ୍ରାୟ ୩୩ ଲକ୍ଷ ଟଙ୍କା ବ୍ୟୟରେ ବାଲି ମକର ମେଳା ପାଇଁ ଅସ୍ଥାୟୀ ରାସ୍ତା ଓ ବ୍ୟବସ୍ଥା କରାଯାଇଥିଲେ ହେଁ, ଏହା କେବଳ ପାଦଚଲା ରାସ୍ତାରେ ସୀମିତ ରହିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଠିକାଦାରଙ୍କୁ ପୋଷିବା ପାଇଁ ଏଭଳି ଅସ୍ଥାୟୀ ବ୍ୟବସ୍ଥା କରାଯାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ସେହିପରି ଆବଶ୍ୟକ ସରଞ୍ଜାମ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନ ଥିଲା। ଅପରାହ୍ନରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ବାବାଙ୍କ ଦର୍ଶନ କରିବା ସହ ସାଂସ୍କୃତିକ ସଭାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ତହସିଲଦାର ପ୍ରମୋଦ ବାସ୍କେ, ବିଡିଓ ଚିତ୍ତରଞ୍ଜନ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି ଓ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଡମଣୀ ପୀଠରେ ମକର ମେଳା



ଚୌଦ୍ୱାର,୧୪।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବେରେଣା-କୋଚିଲା ନୂଆଗାଁ ଗ୍ରାମ ନିକଟ ବନଦେବୀ ମା'ଡମଡମଣୀ ପୀଠରେ ପ୍ରସିଦ୍ଧ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳୁ ମା'ଙ୍କ ପୂଜାର୍ଚ୍ଚନା ତଥା ମାନସିକ ପୂରଣ ପାଇଁ ବନଦେବୀ ମା ଡମଡମଣୀ ଓ ବନଦୁର୍ଗାଙ୍କୁ ଯଜ୍ଞରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆହୁତି ପ୍ରଦାନ କରିଥିଲେ। ମା ଡମଡମଣୀ ଓ ବନଦୁର୍ଗା ପରିଚାଳନା ସମିତି ତରଫରୁ ସୂଚନାକେନ୍ଦ୍ର ଖୋଲାଯିବା ସହିତ ଶ୍ରଦ୍ଧାଳୁଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଦରଦୀ ବନ୍ଧୁ ସେବା ସଂଗଠନ ତରଫରୁ ଜଳଦାନ ବ୍ୟବସ୍ଥା କରାଯାଇଥିଲା। ପାହାଡ଼ ଜଙ୍ଗଲ ଘେରା ଏହି ପୀଠ ଅଞ୍ଚଳ ହାତୀମାନଙ୍କ ବାସସ୍ଥାନ ହୋଇଥିବାରୁ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗର ବହୁ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ପୀଠ ଚତୁର୍ପାର୍ଶ୍ୱ ଓ ରାସ୍ତାରେ ଜଗି ରହିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ପୀଠରେ ଥିବା ଡ୍ୟାମ ଦର୍ଶନ ପାଇଁ ଲୋକଙ୍କ ଭିଡକୁ ନିୟନ୍ତ୍ରଣ ପାଇଁ ଚୌଦ୍ୱାର ଦମକଳ ବାହିନୀ ସଜାଗ ରହିଥିଲେ। ରବୀନ୍ଦ୍ର ରାଉତ, ରମାକାନ୍ତ ଜାରିକା, ହିନ୍ଦୁ ବିରୁଆ, ସୁଶାନ୍ତ ରାଉତ, ଜୟନ୍ତ ପାତ୍ର, ଅକ୍ଷୟ ବିଶ୍ୱାଳ, ସୁବାସ ପ୍ରଧାନ, ହେମନ୍ତ ପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ମେଳା ପରିଚାଳନା କରିଥିଲେ।

# ମା' ଡାଲଖାଇ ଠାକୁରାଣୀଙ୍କ ମକର ମେଳା

ଟିଗିରିଆ,୧୪।୧(ସମିସ): ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତ ସ୍ଥିତ ନୂଆସଡକ ଗ୍ରାମର ଆରାଧ୍ୟ ମା ଡାଲଖାଇ ଠାକୁରାଣୀଙ୍କ ପ୍ରସିଦ୍ଧ ମକର ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜା କମିଟିର ସଭାପତି ପ୍ରଶାନ୍ତ କୁମାର ସେଠଙ୍କ ସଭାପତିତ୍ୱରେ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରସିଦ୍ଧ ମେଳାର ଆଜି ମକର ସଂକ୍ରାନ୍ତି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଜି ମନ୍ଦିର ପରିସରରେ ଭଜନ ଓ ନାମ ସଂକୀର୍ତ୍ତନ ପରିବେଷଣ ସହ ୧୬ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଯାତ୍ରା ରଙ୍ଗ ମହଲ ପକ୍ଷରୁ ନାଟକ ପରିବେଷଣର କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ସଭାପତି ଶ୍ରୀ ସେଠ ସୂଚନା ଦେଇଛନ୍ତି। ଯାତ୍ରା



ପରିଚାଳନାରେ ଯାତ୍ରା କମିଟି ସଦସ୍ୟ ଭରତ ସାହୁ, ମନ୍ଦର ଧର ରାଉତ, ସୁନୀଲ ସାହୁ, ମୁନା ରାଉତ, ବୁଲୁ ରାଉତ, ଦିଲ୍ଲୀପ ରାଉତ, କାବୁ ପ୍ରଧାନ, ପଙ୍କଜ ମହାପାତ୍ର, ଅଶୋକ ମହାପାତ୍ର, ତ୍ରିନାଥ ସାହୁ, ଶ୍ରୀଧର ମହାପାତ୍ର, କାହ୍ନୁ ମଲ୍ଲିକ, ଶ୍ରୀଧର ଦଳେଇ, ସାଲୁ ମହାପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ମନ୍ଦିର ପୂଜକ ଶ୍ୟାମ ଦେହୁରୀ ସମସ୍ତ ନୀତି ସମ୍ପନ୍ନ କରିଥିଲେ।

# ମା'ଭଗବତୀଙ୍କ ପୀଠରେ ମକରମେଳା

ସାଲେପୁର,୧୪।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ମା'ଭଗବତୀଙ୍କ ପୀଠରେ ମକର ମେଳା ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ଭୋରରୁ ଶହ ଶହ ଶ୍ରଦ୍ଧାଳୁ ଗୁପ୍ତଗଙ୍ଗା ଚିତ୍ରୋତ୍ପଳାରେ ବୁଡ଼ ପକାଇ ମା'ଙ୍କୁ ଦର୍ଶନ କରି କୃପାଲାଭ କରିଥିଲେ। ସାଲେପୁର ବ୍ଲକ୍ ବଟେଶ୍ୱର ଗ୍ରାମ ଚିତ୍ରୋତ୍ପଳା ନଦୀକୂଳରେ ଅବସ୍ଥିତ ମା'ଭଗବତୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମକର ସଂକ୍ରାନ୍ତି ଅବସରରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ଭୋର ୪ଟାରୁ ମା'ଙ୍କର ବଡ଼ସ୍ନାନ କରାଯାଇ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇଥିଲା। ମାଳିକା କଥା ଅନୁଯାୟୀ ଆଜିର ମକର ସଂକ୍ରାନ୍ତି ଦିନରେ ଯେଉଁ ଶ୍ରଦ୍ଧାଳୁ ଗୁପ୍ତଗଙ୍ଗା ଚିତ୍ରୋତ୍ପଳାରେ ବୁଡ଼ ପକାଇ ମା'ଙ୍କ ଦର୍ଶନ କରିବେ ତାହାର ସାତଜନ୍ମର ପାପ କ୍ଷୟ ହେବ ବୋଲି ବର୍ଣ୍ଣନା ଅଛି। ଏହି ଅବସରରେ ମା'ଙ୍କର ପୀଠରେ ମେଳା ବସିଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବିଜେପି ନେତା ଅରିନ୍ଦମ ରାୟ ଏବଂ ପୂର୍ବତନ ବିଧାୟକ ପ୍ରକାଶ ବେହେରା ପୂଜାର୍ଚ୍ଚନା କରିବା ସହ କୃପାଲାଭ କରିଥିଲେ।

**ଚିତ୍ରୋତ୍ପଳା ଗୁପ୍ତଗଙ୍ଗାରେ ବୁଡ଼ ପକାଇଲେ ଶତାଧିକ ଶ୍ରଦ୍ଧାଳୁ**

# ସୁନୁପେଇଙ୍କ ପୀଠରେ ମକର ମହୋତ୍ସବ

ମାହାଙ୍ଗା,୧୪।୧(ସମିସ): କୁହୁଣ୍ଡା ଗ୍ରାମର ଆରାଧ୍ୟ ଦେବତା ମାଆ ସୁନୁପେଇଙ୍କ ପୀଠରେ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ଆଳତୀ, ଅଗ୍ନିପୂଜା, ସୂର୍ଯ୍ୟପୂଜା, ହୋମଯଜ୍ଞ, ମକର ଚାଉଳ ବଣ୍ଟନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭଜନ ସମାରୋହରେ, ଚାରି ପ୍ରହର ବ୍ୟାପୀ ନାମସଂକୀର୍ତ୍ତନ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଗୀତିନାଟ୍ୟ



ପରିବେଷଣ କରାଯିବା ଦେଖିବାକୁ ମିଳିଥିଲା। କୁହୁଣ୍ଡା, ଧଉଳିଆ, ହରଗୋବିନ୍ଦପୁର, ସଙ୍ଗପୁର, ବନଗୁରିଆ, କୋଠପଦା, କଲ୍ୟାଣପୁର, ଅମିନାବାଦ, ଗୁଡିଆଡିଆ ଆଦି ବିଭିନ୍ନ ଗ୍ରାମରୁ ଶହ ଶହ ଶ୍ରଦ୍ଧାଳୁ ମାଆଙ୍କ ଦର୍ଶନ ପାଇଁ ଏକତ୍ରିତ ହୋଇଥିଲେ। ମା' ସୁନୁପେଇଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ "ମକର ମିଳନ କମିଟି' ଆନୁକୂଲ୍ୟରେ ବେଶ ଆନନ୍ଦ ଉଲ୍ଲାସର ସହିତ ଏହି ମକର ପର୍ବ ଆୟୋଜିତ ହୋଇଥିଲା। ହରି ହାଟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଡ୍ରିମ୍‌ସରେ ମକର ମିଳନ

କଟକ,୧୪।୧(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ଶ୍ରୀ ସଂକଟମୋଚନ ମନ୍ଦିରରେ ହନୁମାନଜୀଉଙ୍କୁ ସୁବର୍ଣ୍ଣ କିରିଟି ବେଶ, ପୂଜାର୍ଚ୍ଚନା, ଚାଳିଶା ପାରାୟଣ, ହୋମ ଓ ପୁଷ୍ପାଞ୍ଜଳି ଆୟୋଜିତ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମକର ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଆଧାର କରି ପାଳିତ ହେଉଥିବା ମକର ପର୍ବର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, 'ପଦ୍ମିନୀ କେୟାର'ର ପରିଚାଳନା ନିର୍ଦ୍ଦେଶିକା



ନୀଳଞ୍ଜନା ମୁଖାର୍ଜୀ, ଡା. ପିକେ. ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ନାରାୟଣ ମିଶ୍ର, ସାରଦା ପଣ୍ଡାଙ୍କ ସମେତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। ପୂଜକ ତପନ ଦାଶ ଠାକୁରଙ୍କ ନୀତିକାନ୍ତି ଓ ଉତ୍ତମ ପଣ୍ଡା, ସୁମନ୍ତ ନାୟକ, ରଶ୍ମୀରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୁଆସୁଣୀ ପୀଠରେ ଜନ୍ମୋତ୍ସବ ଓ ମକରମେଳା



କଟକ,୧୪।୧(ସମିସ): ବିଡାନାସୀ ଭୁଆସୁଣୀ ପୀଠରେ ଜନ୍ମୋତ୍ସବ ଏବଂ ମକର ମେଳା ମହାସମାରୋହରେ ପାଳିତ ହୋଇଯାଇଛି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ 'ଡିଏଭି ନମିତା ମହାନ୍ତି ବଟ' ଉନ୍ମୋଚନ କରିଥିଲେ। ଶିକ୍ଷା, ସମାଜସେବା ଏବଂ ରେକର୍ଡ ସଂଖ୍ୟକ ରକ୍ତଦାନ କରିଥିବା ନମିତା ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ତାଙ୍କ ନାମରେ ଏକ ବଟ ବୃକ୍ଷ ଯୁବପୀଢ଼ୀଙ୍କୁ ଚାରାରୋପଣ ପାଇଁ ପ୍ରେରଣା ଦେବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଭୁଆସୁଣୀ ପୂଜା କମିଟିର ସଭାପତି ଜାନକୀ ବଲ୍ଲଭ ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨୦ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା।

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



୰ ଶୁଭଜ୍ୟୋତି ହୋତା

ଆବିର୍ଭାବ: ୨୫.୦୬.୧୯୯୩
ତିରୋଧାନ: ୦୧.୦୧.୨୦୨୬

ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଏରେକ୍ଟର - Intravenous Healthcare Pvt. Ltd., ଙ୍କର ଦୁଃଖଦ ଦେହାନ୍ତ ୧ ଜାନୁଆରୀ ୨୦୨୬ ରେ ଘଟିଛି। ଏକ Mechanical Engineer ଏବଂ MBA ହୋଇ, ସେ ତାଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥାରେ କିଛି ପ୍ରସିଦ୍ଧ MNC ରେ କାର୍ଯ୍ୟରତ ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ଉଦ୍ୟମୀତାର ଯାତ୍ରା ଆରମ୍ଭ କରି, ନିଜ ଦକ୍ଷତା, ଦୃଢ଼ ସଙ୍କଳ୍ପ ଏବଂ ପରିଶ୍ରମରେ ନିଜ ବ୍ୟବସାୟକୁ ସ୍ଥାପନ କରିଥିଲେ। ପିତା Retd. DFO ଶ୍ରୀ ସୁରେଶ ଚନ୍ଦ୍ର ହୋତା ଏବଂ ପ୍ରିୟଜନମାନେ ତାଙ୍କ ଅପରାହ୍ନକୁ ଅପୂରଣୀୟ ହାନି ବୋଲି ମନୁଅଛନ୍ତି। ଅତ୍ୟନ୍ତ ଅଳ୍ପ ବୟସରେ ଅକାଳ ବିୟୋଗ କରିଥିଲେ ସେ, କିନ୍ତୁ ତାଙ୍କ ସଫଳତା ଓ ପାରମ୍ପରିକତା ସବୁବେଳେ ପ୍ରେରଣା ଦେବ। ତାଙ୍କ ପବିତ୍ର ଆତ୍ମା ଶାନ୍ତିଲାଭ କରୁ।

Plot no - 778/1351, Mamata, Lane 2, Durgamadhabnagar

# ଦୁର୍ଘଟଣାରେ ସ୍ୱାମୀ ମୃତ; ସ୍ତ୍ରୀ ଗୁରୁତର

ନିଶ୍ଚିନ୍ତକୋଇଲି,୧୪।୧(ସମିସ): କଟକ-ଚାନ୍ଦବାଲି ରାସ୍ତା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟରପଡା ଛକ ନିକଟରେ ଏକ କାର ସ୍କୁଟିକୁ ଧକ୍କା ଦେବାରୁ ସ୍କୁଟି ଚାଳକ ପ୍ରସନ୍ନ ଓଝାଙ୍କ ମୃତ୍ୟୁ ହୋଇଥିବା ବେଳେ ପଛରେ ବସିଥିବା ତାଙ୍କ ପତ୍ନୀ ବିଷ୍ଣୁପ୍ରିୟା ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବୁଧବାର ଅପରାହ୍ନରେ କୁଦାନଗରୀ ଥାନା ରାଇଚାନ୍ଦ ଗ୍ରାମର ପ୍ରସନ୍ନ ଓଝା ତାଙ୍କ ପତ୍ନୀଙ୍କୁ ଏକ ସ୍କୁଟିରେ ବସାଇ କେନ୍ଦ୍ରାପଡା ଅଭିମୁଖେ ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା କାର୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏକଘଣ୍ଟା କାଳ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରୁ ଦୁଇ ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏପଟେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇ ଦୁର୍ଘଟଣା ଘଟାଇଥିବା କାର୍ ଓ ସ୍କୁଟିକୁ ଜବତ କରିଛନ୍ତି। ସେହିପରି କେନ୍ଦ୍ରାପଡା କେନାଲ ରାସ୍ତାରେ କେନ୍ଦୁପାଟଣା ନିକଟରେ ଏକ କାର ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ନେମାଳ ଥାନା ଅଞ୍ଚଳର ରବିନ୍ଦ୍ର ସାହୁ ଏବଂ ତାଙ୍କ ପତ୍ନୀ ଦୁର୍ଗାରାଣୀ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ଦୁଇ ଜଣ ଏବେ ଚିକିତ୍ସିତ ହେଉଥିବା ଜଣାଯାଇଛି।

# ଯୁବକଙ୍କୁ ଅପହରଣ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୪।୧(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କେଣ୍ଟାଳ ପଞ୍ଚାୟତ କୁଳସୁକରପଡା ଗ୍ରାମର ରାଜେନ୍ଦ୍ର ପ୍ରସାଦ ରାଉତ ଓରଫ ସିଲୁ (୨୬)ଙ୍କୁ ନିଜ ଘରୁ ବୁଧବାର ଭୋର ୫ଟା ସମୟରେ କେତେକ ଦୁର୍ବୃତ୍ତ ଅପହରଣ କରିନେଇଥିବା ନିଶ୍ଚିନ୍ତକୋଇଲି ଥାନାରେ ତାଙ୍କ ବଡ ଭାଇ ହରପ୍ରସାଦ ରାଉତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାପଡ଼ିଛି ଯେ ସିଲୁ ଘରେ ଶୋଇଥିବା ବେଳେ ଭୋର



ସମୟରେ ତାଙ୍କ ପାଖକୁ ଫୋନ୍ ଆସିବାରୁ ସେ ଉଠିଯାଇ ଗେଟ୍ ଖୋଲିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦୁଇଟି ବୋଲେରୋରେ କେତେ ଜଣ ଲୋକ ଗେଟ୍ ପାଖରୁ ସିଲୁକୁ ଜବରଦସ୍ତ ନେଇ ଗାଡିରେ ବସାଇ ଦ୍ରୁତ ଗତିରେ ପଳାଇଯାଇଥିଲେ। ଏହା ଜାଣିବା ପରେ ଘର ଲୋକ ତା ମୋବାଇଲକୁ ଫୋନ୍ କରିବାରୁ ତାହା ସୁଇଚ୍ ଅଫ୍ ରହିଥିବା ଜଣାପଡିଥିଲା। ଏବେ ତାଙ୍କ ସାନଭାଇର ଜୀବନ ପ୍ରତି ବିପଦ ରହିଥିବାରୁ ହରପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ଅପରପକ୍ଷରେ ସଂପୃକ୍ତ ଯୁବକଙ୍କ ନାମରେ ଭୁବନେଶ୍ୱର କେଉଁ ଥାନାରେ ମାମଲା ରହିଥିବାରୁ ହଠାତ୍ ତାଙ୍କୁ ଏଭଳି ଉଠାଇ ନିଆଯାଇଥିବା ସଂକ୍ରାନ୍ତରେ ସାଧାରଣରେ ଆଲୋଚନା ହେଉଛି। ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ପୁଲିସ କୌଣସି ସୂଚନା ଦେଉନାହାନ୍ତି।

# ସତ୍ୟନାରାୟଣଙ୍କୁ ଫକୀରମୋହନ ଅନୁବାଦ ସାହିତ୍ୟ ସମ୍ମାନ

କଟକ,୧୪।୧(ସମିସ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ତଥା ଫକୀର ମୋହନ ସାହିତ୍ୟ ପରିଷଦର ସ୍ୱନକ୍ଷତ୍ର ପାଳନ ଅବସରରେ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କୁ ଫକୀର ମୋହନ ଅନୁବାଦ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ପରିଷଦର ସଭାପତି ଡଃ ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ କାର୍ଯ୍ୟକ୍ରମରେ ତରୁଣକାନ୍ତି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଫକୀର ମୋହନଙ୍କ ଗଳ୍ପକୁ ହିନ୍ଦୀରେ ଅନୁବାଦ କରି ପ୍ରଫେସର ପଣ୍ଡା ଏକ ଜାତୀୟ କର୍ତ୍ତବ୍ୟ ନିର୍ବାହ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରକାଶଯୋଗ୍ୟ, ପ୍ରଫେସର ପଣ୍ଡା ସମ୍ପ୍ରତି ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ଅଧ୍ୟକ୍ଷ ରୂପେ କାର୍ଯ୍ୟରତ।

# କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଚୌଦ୍ୱାର,୧୪।୧(ସମିସ): ଚୌଦ୍ୱାର ପୌରପାଳିକା ୫ ନମ୍ବର ୱାର୍ଡ଼ ବ୍ରାହ୍ମଣସାହିସ୍ଥିତ ମହାବୀର କ୍ଲବ୍ ଆନୁକୁଲ୍ୟରେ ତିନିଦିନ ବ୍ୟାପି କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ବୁଲ୍ସ କ୍ଲବ୍‌କୁ ହରାଇ ରାହାସ ବିହାରୀ ଟିମ୍ ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଣ୍ଡିତ ଚନ୍ଦ୍ରକାନ୍ତ ଦାସ ଅତିଥି ଭାବେ ଯୋଗଦେଇ ରାଜକିଶୋର କ୍ଲବ୍‌ର ରାଜ କିଶୋର ପୂଜାରୀ ଓ ଅନ୍ୟ ଖେଳାଳୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋତି ସେନାପତି
ତେନ୍ତୁଳି ପାଟଣା, ଦଶପଲ୍ଲା

ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ଶୋକସନ୍ତପ୍ତ:
ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାସୁଦେବ ନାୟକ

ଆବିର୍ଭାବ: ୦୭.୦୮.୧୯୫୩
ତିରୋଧାନ: ୦୫.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ

ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ଜ୍ୱାଇଁ ଜସ୍‌କୃଷ୍ଣ, ଜ୍ୱାଇଁ -ସୁନୀଲ ପୁତୁରା ଶେଷଦେବ ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ଟୁନା ବୀର, ମଦନ, ମୋହନ, ଭାଣେଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ବର୍ଗ

ସକାଳ THE SAKALA



## ବୃଦ୍ଧବୃଦ୍ଧାଙ୍କୁ ସହାୟକ ଉପକରଣ ବଣ୍ଟନ



**ନିଶ୍ଚିନ୍ତକୋଇଲି,୧୪।୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ପଞ୍ଚାୟତ ଖଣ୍ଡସାହିଠାରେ ଥିବା ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୃଦ୍ଧବୃଦ୍ଧା ଅକର୍ମଣ୍ୟ ଓ ନିଃସହାୟଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଟ୍ରଷ୍ଟର ପ୍ରଥମ ସ୍ୱନକ୍ଷେତ୍ର ଦିବସରେ ଜଗନ୍ନାଥ ସରକାରୀ ଉପ୍ରା ବିଦ୍ୟାଳୟର ୧୫୦ରୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ମଧ୍ୟ ପ୍ରଦାନ କରାଯାଇଛି। ସମାଜସେବୀ ରାମେଶ୍ୱରୀ ପ୍ରସାଦ ଦ୍ୱିବେଦୀଙ୍କ ସଂଯୋଜନାରେ ଟ୍ରାଇ ସାଇକେଲ, ହୁଇଲ ଚେୟାର ସଂଲଗ୍ନ କମର୍ଟ, ଆଣ୍ଠୁ ବେଲ୍ଟ, ଅଣ୍ଟା ବେଲ୍ଟ ଏବଂ ଆଶାବାଡି ଆଦି ଉପକରଣ ପ୍ରଦାନ କରାଯାଇଛି। ଟ୍ରଷ୍ଟର ସଭାପତି ସୁରରାଜ ଦାଶଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ କ୍ଲଷ୍ଟରର ସିଆରସିସି ମହମ୍ମଦ ୱାଜିଦ୍, ଟ୍ରଷ୍ଟର ସଂପାଦକ ସତ୍ୟନାରାୟଣ ମିଶ୍ର, ନୋଡାଲ ଅଫିସର ଅଞ୍ଜନ ମିଶ୍ର, ବରଦା ପ୍ରସାଦ ରଥ, ପ୍ରଣତ କିଶୋର ମିଶ୍ର, ରବିନାରାୟଣ ବେହେରା, ଧୀରେନ୍ଦ୍ର ମହାନ୍ତି, ପ୍ରଣବ ମିଶ୍ର, ଭଞ୍ଜକୃଷ୍ଣ ମିଶ୍ର, ପ୍ରତାପଚନ୍ଦ୍ର ମିଶ୍ର, ଅଭୟାନନ୍ଦ ମିଶ୍ର, ବିଳାସୀ ପାଢୀ, ନିରୂପମା ଦାଶ, ଜ୍ୟୋତିଷଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ସାହ ଓ ପ୍ରେରଣା ପାଇଁ ଉପହାର ପ୍ରଦାନ କରାଯାଇଥିଲା।

## କଲେଜରେ ସମୂହ ବନ୍ଦେ ମାତରମ୍ ଗାନ




**ନିଶ୍ଚିନ୍ତକୋଇଲି,୧୪।୧(ସମିସ):** ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ କାଳଜୟୀ ଜାତୀୟବାଦୀ ସଂଗୀତ ବନ୍ଦେ ମାତରମ୍ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ କଲେଜ ପରିସରରେ ସମୂହ ଗାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଫେସର ତରୁଲତା ଦେବୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବନ୍ଦେ ମାତରମ୍ ଗାନ କରିଥିଲେ। ନିଜକୁ ଜାଗ୍ରତ କର ଓ ବିଶ୍ୱକୁ ପ୍ରଭାବିତ କର ଶୀର୍ଷକ ଏକ ଆଲୋଚନାଚକ୍ର ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶିଶିର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଡ. ଦେବଯାନୀ ସିହ୍ନା, ଅଧ୍ୟାପକ ପ୍ରସନ୍ନ ଦାସ, ଅଧ୍ୟାପକ ପ୍ରଦୀପ୍ତ ମହାନ୍ତି, ଅଧ୍ୟାପକ ନୀଳକଣ୍ଠ ସାହୁ, ଅଧ୍ୟାପକ ଦୀପକ ଦ୍ୱିବେଦୀ, ଅଧ୍ୟାପକ ଅମରିଶ ସ୍ୱାଇଁ, ଅଧ୍ୟାପକ ଡ. ବିଶ୍ୱଜିତ୍ ବେହେରା, କ୍ରୀଡାଶିକ୍ଷକ ଯୁଗାନ୍ତର ନାୟକ ଓ ନଳିନୀକାନ୍ତ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ ଲକ୍ଷେଶ୍ୱର ମହିଳା କଲେଜ୍



**ଫୁଲନଖରା :** ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ୍ଦେ ମାତରମ୍ ସଂଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଛାତ୍ରୀଙ୍କ ଦ୍ୱାରା ସମୂହ ଗାନ କରାଯିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଯୁବଦିବସ ପାଳନ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଯଶୋଧାରା ମହାପାତ୍ର ଛାତ୍ରୀଙ୍କୁ ବିଦେଶୀ ବସ୍ତୁକୁ ବର୍ଜନ କରି ସ୍ୱଦେଶୀ ବସ୍ତୁକୁ ଆପଣେଇବା ପାଇଁ ଆତ୍ମନିର୍ଭର ଭାରତ ଶପଥପାଠ କରାଇଥିଲେ। ଅନସୂୟା ଆଚାର୍ଯ୍ୟ, ରେଣୁପ୍ରିୟା ପଣ୍ଡା, ଇତିଶ୍ରୀ ମହାନ୍ତି, ପ୍ରତିଭା ପଟ୍ଟନାୟକ, ଆଶାଲତା ପ୍ରଧାନ, ଅନିତା ପ୍ରଧାନ ପ୍ରମୁଖ ଅଧ୍ୟାପିକା ଏବଂ ଦେବସ୍ମିତା ମହାପାତ୍ର, ନିରୂପମା ନାୟକ, ହେମନ୍ତ ଦାଶ ଓ ହେମନ୍ତ ଦଳାଇ ପରିଚାଳନା କରିଥିଲେ।

## ବିଷ୍ଣୁପୁରରେ ଜାତୀୟ ଯୁବ ଦିବସ




**ତିଗିରିଆ,୧୪।୧(ସମିସ):** ତିଗିରିଆ ବ୍ଲକ ଅଧୀନ ହାଟମାଳ ପଞ୍ଚାୟତ ୧୪ ନମ୍ବର ୱାର୍ଡ ମଝିସାହି ସ୍ଥିତ ବିଜୟ କ୍ଲବର ସଦସ୍ୟଙ୍କ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ୧୫ତମ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। କ୍ଲବର ସଭାପତି ରଞ୍ଜନ କୁମାର ଗୋଛି ଓ ସମ୍ପାଦକ କାହ୍ନୁ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଷ୍ଣୁପୁର ୟୁଜି ୟୁପି ବିଦ୍ୟାଳୟର ଶିକ୍ଷକ ପବିତ୍ର ପତି, ମୁଖ୍ୟବକ୍ତା ଭାବେ ନାଟକ ଗୁରୁ ପଦ୍ମଲୋଚନ ଦାସ, ସମିତିସଭ୍ୟ ପ୍ରତିନିଧି ରମେଶ ଦାସ, ସମାଜସେବୀ ପ୍ରମୋଦ ପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗ୍ରାମର ପୁରୁଷ ଓ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଉଲ୍ଲେଖଯୋଗ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ କାହ୍ନୁ ସାମଲ ବାର୍ଷିକ ବିବରଣୀ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଇଂ କିଶୋର ଦାସଙ୍କୁ ଅନ୍ତରାଷ୍ଟ୍ରୀୟ ସମ୍ମାନ

**ଚୌଦ୍ୱାର,୧୪।୧(ସମିସ):** ନିଷ୍ଠାପର ବ୍ୟବସାୟିକ ପରିଚାଳନା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୌଦ୍ୱାର ପୌରପାଳିକା ନୂଆସାହି ବାସିନ୍ଦା



ଅବସରପ୍ରାପ୍ତ ଇଂ କିଶୋରକୁମାର ଦାସଙ୍କୁ ମେରିଲ୍ୟାଣ୍ଡ ଷ୍ଟେଟ ୟୁନିଭରସିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଲୋଧିରୋଡସ୍ଥିତ ଇଣ୍ଡିଆ ହାବିଟାଟ ସେଣ୍ଟରଠାରେ ଆୟୋଜିତ ଭାରତ ଅନ୍ତଃରାଷ୍ଟ୍ରୀୟ ବୁଦ୍ଧିଜୀବୀ ସମ୍ମିଳନୀ ୨୦୨୬ରେ ଇଂ ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଭାରତରେ ମରିସସ୍ର ଉଚ୍ଚାୟୁକ୍ତ ଶୈଳବାଇ ବାପୁ, ପିସ୍ ଆଣ୍ଡ ସ୍ପୋର୍ଟସ୍ କାଉନସିଲ ଅଫ ଆଫଗାନିସ୍ଥାନର ପ୍ରତିନିଧି ତାନ୍‌ଜାରେ ବଶିଷ୍ଟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁଖେଶ୍ୱର ଚୂନୀ, ଦିଲ୍ଲୀ ମହିଳା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲଙ୍କ ସମେତ ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟସ୍ତରର ବହୁ ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଅତିଥିଭାବେ ଶ୍ରୀ ଦାସଙ୍କୁ ସ୍ୱର୍ଣ୍ଣପଦକ ସହିତ ଡକ୍ଟରେଟ ମାନପତ୍ର ପ୍ରଦାନ କରିଥିଲେ।

# ପ୍ରଶାସନିକ ଅବହେଳାରୁ ଅସ୍ତିତ୍ୱ ହରାଉଛି ଯମୁନାବନ୍ଧ

### ପର୍ଯ୍ୟଟନସ୍ଥଳ ପାଲଟିଛି ପଥର ଖଣି ଓ ଜବରଦଖଲର ଚରାଭୂଇଁ

**ତିଗିରିଆ,୧୪।୧(ସମିସ):**



ତିଗିରିଆ ବ୍ଲକର ସବୁଠାରୁ ବୃହତ୍ତମ ଜଳଭଣ୍ଡାର ତଥା ପ୍ରାକୃତିକ ସୌନ୍ଦର୍ଯ୍ୟର ଭୂସ୍ୱର୍ଗ କୁହାଯାଉଥିବା "ଯମୁନାବନ୍ଧ' ଏବେ ଧୀରେ ଧୀରେ ଜନମାନସରୁ ଲିଭିଯିବାକୁ ବସିଛି। ପ୍ରଶାସନର ନୀରବତା ଏବଂ ସ୍ଥାନୀୟ ରାଜନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଯୋଗୁଁ ଏହି ଐତିହାସିକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଟି ଏବେ ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସିଛି। ଦିନେ ଯେଉଁଠାରେ ବର୍ଷସାରା ପର୍ଯ୍ୟଟକ ଓ ବଣଭୋଜି ଦଳଙ୍କ ଗହଳି ଚହଳି ଲାଗି ରହୁଥିଲା, ଆଜି ସେଠାରେ ଶ୍ମଶାନର ନୀରବତା ଦେଖିବାକୁ ମିଳୁଛି।

୧୯୭୨ ମସିହାରେ ତିଗିରିଆ ତହସିଲ ଅଧୀନ ସୁଦର୍ଶନପୁର ଗ୍ରାମ ଠାରୁ ବଣ୍ଣଆମୁଣ୍ଡିଆ ପର୍ଯ୍ୟନ୍ତ ବିସ୍ତୃତ ଏହି ଯମୁନାବନ୍ଧ ପ୍ରାୟ ୭୦ ଏକର ପରିମିତ ଜମିରେ ନିର୍ମାଣ କରାଯାଇଥିଲା। ପ୍ରାୟ ୧.୫ କିଲୋମିଟର ଲମ୍ବର ଏହି ବିଶାଳ ମାଟିବନ୍ଧର ଚତୁଃପାଶ୍ୱର୍ରେ ଥିବା ସୁଉଚ୍ଚ ପାହାଡ଼, ସାଗୁଆନ, ଫାସି ଓ ବାଉଁଶ ବଣର ସମ୍ଭାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ଏପରିକି ଆଠଗଡ଼, ବଡ଼ମ୍ବା ଓ ନରସିଂହପୁର ଭଳି ପଡ଼ୋଶୀ ବ୍ଲକରୁ ଲୋକେ ଏଠାକୁ ଧାଇଁ ଆସୁଥିଲେ। ବର୍ଷା ଦିନେ ବନ୍ଧର ପାଣିଗଡ଼ାରୁ ଗଡୁଥିବା ନୀଳ ଜଳରାଶିର ଦୃଶ୍ୟ ପର୍ଯ୍ୟଟକଙ୍କ ମନରେ ଏକ ଅଭୁଲା ସ୍ମୃତି ସୃଷ୍ଟି କରୁଥିଲା। ହେଲେ ଦୁଃଖର ବିଷୟ, ସମୟାନୁକ୍ରମେ ଏହି ଜଳଭଣ୍ଡାରଟି ଏବେ ପୋତି ହେବାରେ ଲାଗିଛି। ବନ୍ଧର ଉପରମୁଣ୍ଡ ଏବଂ ଭିତର ଅଞ୍ଚଳରେ ଚାଷୀମାନେ ଅବାଧରେ ପ୍ରବେଶ କରି ଚାଷବାସ କରୁଥିବାରୁ, ବର୍ଷା ପାଣିରେ ଭାସି ଆସୁଥିବା ମାଟି ଯମୁନାବନ୍ଧର ଗର୍ଭକୁ ପୋତି ଦେଉଛି। ଫଳରେ ଏହାର ଜଳଧାରଣ କ୍ଷମତା ଦିନକୁ ଦିନ ହ୍ରାସ ପାଉଛି। ଅନ୍ୟପଟେ ବଣ୍ଣଆମୁଣ୍ଡିଆରେ ଚାଲିଥିବା କ୍ରମାଗତ ପଥର ଖଣି ଖନନ ଯୋଗୁଁ ବନ୍ଧର ସଂରଚନା ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ଦିନେ ଯେଉଁଠାରେ ଦେଶୀ ଫୁଲର ସୁଗନ୍ଧ ମହକୁଥିଲା, ଆଜି ସେଠାରେ ବିଛୁଆତି ଏବଂ ବାଇଡଙ୍କ ଗଛ ଭର୍ତ୍ତି ହୋଇ ରହିଛି। ବନ୍ଧହୁଡ଼ାଟି ସମ୍ପୂର୍ଣ୍ଣ ଟାଙ୍ଗରା ପାଲଟିଯିବା ସହ ପାଦେ ପାଦେ ଘାତକ ଖାଲ ସୃଷ୍ଟି ହୋଇଛି। ୩୦-୩୫ ଫୁଟ ତଳକୁ ଖସି ପଡ଼ିବାର ଭୟରେ ଏବେ ସ୍ଥାନୀୟ ଲୋକେ ମଧ୍ୟ ଏହି ରାସ୍ତା ଦେଇ ଯିବାକୁ ସାହସ କରୁନାହାନ୍ତି। ବନ୍ଧର ନବକଳେବର ପାଇଁ ଅନେକ ସମୟରେ ରାଜନେତାମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ବନ୍ଧ ଚଉଡ଼ା ହେବ, ବ୍ୟାରିକେଟ୍ ଲାଗିବ, ପାର୍କ ଓ ବୋଟିଂ ବ୍ୟବସ୍ଥା ହେବ ବୋଲି ସ୍ୱପ୍ନ ଦେଖାଇ ଭୋଟ୍ ନେଇଥିବା ପ୍ରତିନିଧିମାନେ ଏବେ କୁମ୍ଭକର୍ଣ୍ଣ ନିଦ୍ରାରେ। କିଛି ସ୍ଥାନୀୟ ସଂଗଠନ ଏହାର ସୁରକ୍ଷା ପାଇଁ ଆଗକୁ ଆସିଥିଲେ ହେଁ ସରକାରୀ ସାହାଯ୍ୟ ବିନା ସବୁ ଉଦ୍ୟମ ପାଣିର ଗାର ସଦୃଶ ହୋଇଛି। ଯଦି ତୁରନ୍ତ ଏହାର ଗର୍ଭରୁ ମାଟି ଖନନ କରାଯାଇ ପୁନରୁଦ୍ଧାର କରାଯାଏ ଏବଂ ଏଠାରେ ଏକ "ଇକୋ-ଟୁରିଜିମ୍' ପ୍ରକଳ୍ପ ଆରମ୍ଭ କରାଯାଏ, ତେବେ ଏହା କେବଳ ତିଗିରିଆ ନୁହେଁ ବରଂ ସମଗ୍ର ଜିଲ୍ଲା ପାଇଁ ଏକ ଆୟର ଉତ୍ସ ସାଜିବ। ଜିଲ୍ଲା ପ୍ରଶାସନ ଓ ଜଳସମ୍ପଦ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

## ଆଲୁମନୀ ସଂପାଦକଙ୍କୁ ଶ୍ରଦ୍ଧାଞ୍ଜଳି

**ସାଲେପୁର,୧୪ ।୧(ସମିସ):** ବିଶିଷ୍ଟ ଶିକ୍ଷାବିତ୍ ସାଲେପୁର ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସଂପାଦକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭ୍ୟ ତଥା ସମାଜସେବୀ ମାଛୁଆତି ଗ୍ରାମର ତ୍ରିଲୋଚନ ଶତପଥୀଙ୍କ ବିୟୋଗରେ ପୁରାତନ ଛାତ୍ରସଂସଦ ପକ୍ଷରୁ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍‌ଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ମିହିର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପୁରାତନ ଛାତ୍ର ଶ୍ରୀକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ସଭାର ପ୍ରଥମାର୍ଦ୍ଧରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉପସ୍ଥିତ ପୁରାତନ ଛାତ୍ରମାନେ ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ପରେ ପୁରାତନ ଛାତ୍ର ନନ୍ଦକିଶୋର ଭୂୟାଁ, ତ୍ରିଲୋଚନ ଶତପଥୀଙ୍କ ସ୍କୁଲ ପ୍ରତି ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରବିନ୍ଦ୍ରନାଥ କର, ସମ୍ବିତ ଦାଶ, ପ୍ରତାପ ମହାନ୍ତି, ମାନସ କର, ପୁଲକ ଦାଶ, ଗୁଲରେଜ ଅଲ୍ଲୀ, ବିନୋଦ ମଲ୍ଲିକ, ଜୟଦେବ ଶତପଥି, ବିମଳ ଷଡ଼ଙ୍ଗୀ, ଶ୍ରୀପତୀ ଷଡ଼ଙ୍ଗୀ, ଶିକ୍ଷକ କମଳାକାନ୍ତ ମୁଦୁଲି, କାର୍ଯ୍ୟନିର୍ବାହୀ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପରିଡ଼ା, ରଜନୀକାନ୍ତ ଦାଶ, ସତ୍ୟଜିତ୍ ଶତପଥିଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନରସିଂହପୁରରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

**ନରସିଂହପୁର,୧୪।୧(ସମିସ):** ନରସିଂହପୁର ଶିକ୍ଷା ମଣ୍ଡଳ ଅଧୀନସ୍ଥ ପଞ୍ଚାୟତ ବିଦ୍ୟାପୀଠ ନିମାସାହି-ଡମକଟା ଠାରେ ମଙ୍ଗଳବାର ଦିନ ସହନୀୟ ସ୍ଥାୟୀ ଜୀବନ ଶୈଳୀ ଆଧାରିତ ଏକ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ପାଣିପାଗ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ପରିବେଶ ଶିକ୍ଷଣ କେନ୍ଦ୍ର ସହାୟତାରେ ଆୟୋଜିତ ଏହି ମେଳାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସମୁଦାୟ ୫୫ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ଲୋପାମୁଦ୍ରା ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ବ୍ଲକ ସହ



ଶିକ୍ଷା ଅଧିକାରୀ ବିଜୟ ଭୂୟାଁ, ନିରଞ୍ଜନ ପ୍ରଧାନ ଏବଂ ଲକ୍ଷ୍ମୀଧର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ରାଉତରାୟ ଉପସ୍ଥିତ ଥିବା ବେଳେ ପ୍ରଧାନ ଶିକ୍ଷକ ବିଜୟାନନ୍ଦ ସାହୁ, ପ୍ରତାପ ଚନ୍ଦ୍ର ପଣ୍ଡା, ସୁନୀଲ ମହାପାତ୍ର, ସୁଗମ ପ୍ରସାଦ ଡାଳୁଆ, ବିଶ୍ୱଭୂଷଣ ସାହୁ, ବିଦୁଭୂଷଣ ପ୍ରଧାନ ଏବଂ ସୌଭାଗ୍ୟ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବିନାୟକ ମିଶ୍ର ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୪ଟି ଶ୍ରେଷ୍ଠ ପ୍ରକଳ୍ପକୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା ଏବଂ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ପକୃତାର୍ଥପ୍ରଭ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚାମ୍ପେଶ୍ୱର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଆଦିତ୍ୟ ଦାଶ ଦ୍ୱିତୀୟ, ପ୍ରିୟମ୍ବଦା ବାରିକ ତୃତୀୟ ଏବଂ ରୁଦ୍ର ପ୍ରସାଦ ରଣା ଚତୁର୍ଥ ସ୍ଥାନ ହାସଲ କରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା

**ନିଶ୍ଚିନ୍ତକୋଇଲି,୧୪।୧(ସମିସ):** ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ନିଶ୍ଚିନ୍ତକୋଇଲି ହାଟ ମଣ୍ଡପଠାରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ଆଞ୍ଚଳିକ ପରିବହନ ପ୍ରାଧିକରଣ ଓ



ପରିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ସଭାପତିତ୍ୱ କରିଥିଲେ। ଏଥିରେ ସଡକ ସୁରକ୍ଷା କର୍ମୀ ଅଭୟ ଦାସ, ନିଶ୍ଚିନ୍ତକୋଇଲି ଥାନା ସବ୍‌ଇନ୍ସପେକ୍ଟର ସ୍ମୃତିରଞ୍ଜନ ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ବେହେରା, କଳ୍ପତରୁ ଦାସ, ଶାରଦା ପ୍ରସାଦ ମିଶ୍ର, ଗୀତାଞ୍ଜଳି ଭୂୟାଁ, ରବିନ୍ଦ୍ର ସେଠୀ, ଡ୍ରାଇଭର ମହାସଂଘ ନିଶ୍ଚିନ୍ତକୋଇଲି ଶାଖାର ସଭାପତି ଅଶୋକ ଦାସ, ସଂପାଦକ ପଦ୍ମଚରଣ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରିବାର ସଂପାଦକ ପ୍ରମୋଦ ନାୟକ ସ୍ୱାଗତ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଟକରୁ ଆସିଥିବା କଳାକାରଙ୍କ ଦ୍ୱାରା ନାଟ୍ୟସାରଥି ଅଭୟ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ସଡକ ସୁରକ୍ଷା କାହାର ଦାୟିତ୍ୱ ପରିବେଷିତ ହୋଇଥିଲା। କବି ପ୍ରସାଦ ନାୟକ, ବିଷ୍ଣୁ ବେହେରା, କମଳାକାନ୍ତ ସାହୁ, ଅଜୟ ବେହେରା, ବିଷ୍ଣୁ ସ୍ୱାଇଁ, ରାଜକିଶୋର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ସଂଯୋଜିକା ବିଦ୍ୟୁତପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ।

## ଶିଶୁ ସାହିତ୍ୟିକଙ୍କ ଶ୍ରାଦ୍ଧ ବାର୍ଷିକୀରେ କବିତା ପାଠୋତ୍ସବ



**କିଶନନଗର,୧୪।୧(ସମିସ):** ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ୍) ଓ ଶିଶୁ ସାହିତ୍ୟିକ ନୃସିଂହ ପ୍ରସାଦ ମହାନ୍ତି ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଆଜି ସୋମବାର ଦିନ ତତଲାପଦା ପାଇକାଣସ୍ଥିତ ବୁଢିଜାଗୁଳାଇ ମନ୍ଦିର ପରିସରରେ ନୃସିଂହ ପ୍ରସାଦ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ କବିତା ପାଠୋତ୍ସବ, ସାହିତ୍ୟ ସଭା ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ବାବାଜୀ ଚରଣ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନିକୁଞ୍ଜ ବିହାରୀ ଭଞ୍ଜ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଅରୁଣ ଦାସ, ଲିଙ୍ଗରାଜ ମଲ୍ଲ, ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା, କମ୍ରେଡ ତ୍ରୈଲୋକ୍ୟ ନାଥ ଜେନା ପ୍ରମୁଖଙ୍କ ସମେତ ବହୁ କବି/କବୟିତ୍ରୀ ଯୋଗଦେଇଥିଲେ। ପରିଚାଳନାରେ ଆବାହକ ନିରୂପମା ରାଉତ, ନାରାୟଣ ଭୋଳ, ସନାତନ ଦାସ, ସଂପାଦକ ବିଜୟ ଦଳାଇ ପ୍ରମୁଖ ସହାୟତା କରିଥିଲେ।

## ଯୁବ ଦିବସ ଉପଲକ୍ଷେ ଗଣଦୌଡ଼

**ଚୌଦ୍ୱାର,୧୪।୧(ସମିସ):** ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଚୌଦ୍ୱାରରେ ଏକ ବିଶାଳ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିବେକାନନ୍ଦ ସୋସିଆଲ ଡେଭଲପମେଣ୍ଟ ତରଫରୁ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡ଼ିଆରେ ଆୟୋଜିତ ଏହି ଗଣଦୌଡ଼କୁ ଚୌଦ୍ୱାର ଥାନାର ଏସ୍‌ଆଇ ଦେବାଶିଷ ମାଝୀ ଓ ସାଇ ଆରତୀ ଏଣ୍ଟରପ୍ରାଇଜର ଅଧ୍ୟକ୍ଷ ରାଜମୁର୍ତ୍ତି ପଣ୍ଡା ଉଦ୍‌ଘାଟନ କରିଥିଲେ। ସୋମବାର ସକାଳେ ଅଞ୍ଚଳର ବହୁ ଛାତ୍ରଛାତ୍ରୀ, ଯୁବବର୍ଗ ଓ ସ୍ୱେଚ୍ଛାସେବୀ ଏହି ଗଣଦୌଡ଼ରେ ଯୋଗଦେଇ ଚୌଦ୍ୱାର ସହର ପରିକ୍ରମା କରିବା ସହିତ ପ୍ରାୟ ୧୧ କିମି ରାସ୍ତା ଅତିକ୍ରମ କରି ପୁଣି ଗୋପବନ୍ଧୁ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଅନୁଷ୍ଠାନର ସଭାପତି ଭାସ୍କରଚନ୍ଦ୍ର ରାଉତରାୟ ଓ ସମ୍ପାଦକ ଅଶ୍ୱିନୀ ଜେନାଙ୍କ



ପରିଚାଳନାରେ ଆୟୋଜିତ ଗଣଦୌଡ଼ରେ କାଉନସିଲର ସୁବ୍ରତ ସାମଲ, ସୁଜାତା ସାହୁ, ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ସହଦେବ ବରାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ହାଇକୋର୍ଟର ଆଡ଼ଭୋକେଟ ସର୍ବେଶ୍ୱର ବେହେରା, ବାବାଜି ବିଶ୍ୱନାଥ ଦାସ, କାଉନସିଲର ବିନୋଦିନୀ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସଦସ୍ୟ ଶ୍ରୀକାନ୍ତ ପାକଳ, ମାନସ ରଞ୍ଜନ ଖୁଣ୍ଟିଆ, ସୁରେଶ ରାଉତରାୟ, ଭୀମସେନ ବିଶ୍ୱାଳ, ଭାସ୍କର ମହାପାତ୍ର, କାହ୍ନୁଚରଣ ଜେନାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚୌଦ୍ୱାର ପୁଲିସ ଗଣଦୌଡ଼ ପରିଚାଳନା କରିଥିଲା।

## ପାଲା କଳାକାରଙ୍କ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**ଟାଙ୍ଗୀ,୧୪ ।୧(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମାଗୁରା ପଞ୍ଚାୟତ ରାମପୁର ଗ୍ରାମରେ ହେଉଥିବା ଶ୍ରୀ ଶ୍ରୀ ସତ୍ୟନାରାୟଣ ଆଞ୍ଚଳିକ ପାଲା କଳାକାର ମଣ୍ଡଳର ରୌପ୍ୟ ଜୟନ୍ତୀ ଉଦଯାପିତ ହୋଇଯାଇଛି। ସିଦ୍ଧଗିରୀ ଆଶ୍ରମର

### ପ୍ରୀତିଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ



ବାବା ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ଼ ପ୍ରମୋଦ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ଉପସଭାପତି ତଥା ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ହିମାଂଶୁ ମହାନ୍ତି, ପ୍ରବକ୍ତା ସୁରେନ୍ଦ୍ର ନାଥ ସାମଲ, ଡ଼ ବିଜୟ ପାତ୍ର ଓ ଯୁବ ସଂଗଠକ ଅଶୋକ ବାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ପ୍ରୀତି ରଞ୍ଜନ ବେହେରାଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପାଲା କଳାକାର ଯୋଗଦେଇଥିଲେ।

## ସନ୍ଥ ଅରକ୍ଷିତ ଦାସଙ୍କ ପ୍ରସିଦ୍ଧ କେଶ ଯାତ୍ରା

**ମାହାଙ୍ଗା, ୧୪।୧(ସମିସ):** ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ବିହାର ଲଳିତଗିରି ଏବଂ ଓଲାଶୁଣୀ ପୀଠରେ ଆଜି ପବିତ୍ର 'କେଶ ଯାତ୍ରା' ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁଯାୟୀ,

### ଲଳିତଗିରିର ଓଲାଶୁଣୀ ପୀଠ ଉତ୍ସବମୁଖର



ଦୀର୍ଘ ୧୯୬ ବର୍ଷ ପୂର୍ବେ ସନ୍ଥ ଅରକ୍ଷିତ ଦାସ ଲଳିତଗିରି ଗ୍ରାମର କନ୍ହୁ ମହାରଣାଙ୍କ ଗୃହକୁ ଆସିଥିଲେ। ସେହି ସମୟରେ କନ୍ହୁଙ୍କ ପତ୍ନୀ ଜହ୍ନ ମହାରଣା ମହାପୁରୁଷଙ୍କ ସେବା କରିବା ସହ ତାଙ୍କ କେଶ ସଜାଡ଼ିବା ବେଳେ ଏକ କେଶ ଝଡ଼ି ପଡ଼ିଥିଲା। ସନ୍ଥଙ୍କ ଅନୁମତିକ୍ରମେ ସେହି କେଶକୁ ସେ ପୂଜା କରିବା ଆରମ୍ଭ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ବୃଦ୍ଧି ପାଇବା ସହ ଏକ ପରମ୍ପରାରେ ପରିଣତ ହୋଇଛି। ଆଜି ଦଶମୀ ତିଥିରେ ଓଲାଶୁଣୀ ପୀଠର ମହନ୍ତ ଲଳିତଗିରିରେ ପହଞ୍ଚି ଉକ୍ତ କେଶକୁ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହାପରେ କେଶ ପେଟିକାକୁ ମୁଣ୍ଡରେ ମୁଣ୍ଡାଇ ଗ୍ରାମଦେବତୀଙ୍କ ନିକଟକୁ ନିଆଯାଇ ଆଜ୍ଞାମାଳ ଅଣାଯାଇଥିଲା। ସନ୍ଧ୍ୟାରେ ଏକ ସୁସଜ୍ଜିତ ବିମାନରେ ପବିତ୍ର କେଶକୁ ସ୍ଥାପନା କରାଯାଇ ଖୋଳ-କରତାଳ ଓ ରୋଶଣି ସହ ଓଲାଶୁଣୀ ପାହାଡ଼ ଶୀର୍ଷରେ ଥିବା ସନ୍ଥଙ୍କ ସମାଧି ପୀଠକୁ ନିଆଯାଇଛି। ଏହି ଯାତ୍ରା ଦେଖିବା ପାଇଁ ଲଳିତଗିରି ଓ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଲଳିତଗିରି ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରତ୍ୟେକ ପରିବାର ଓ ବନ୍ଧୁପରିଜନ ଯୋଗଦେଇ ପରିବେଶକୁ ଉତ୍ସବମୁଖର କରିଥିଲେ। ପାହାଡ଼ ଶୀର୍ଷରେ ଦୁଇଦିନ ଧରି ପୂଜା ପାଇବା ପରେ ଆସନ୍ତା ତ୍ରୟୋଦଶୀ ତିଥିରେ ଏହି ପବିତ୍ର କେଶ ପୁନଶ୍ଚ ଜହ୍ନ ମହାରଣାଙ୍କ ଗୃହକୁ ଫେରିଆସିବ।

